بسم الله الرحمن الرحيم

**ଖୁତ୍‌ବା ଜୁମା ୨୧ ଅପ୍ରେଲ୍ ୨୦୨୩ର ସାରାଂଶ**
**ସ୍ଥାନ- ମସ୍‌ଜିଦ୍ ମୁବାରକ, ଇସଲାମାବାଦ , ଲଣ୍ଡନ (ୟୁ.କେ)**

**ପୁଣ୍ୟାତ୍ମା ହ. ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ଧର୍ମପରାୟଣତାର ରୋଚକ ତଥ୍ୟ ବର୍ଣ୍ଣନା ଓ ତାହାର ପ୍ରାପ୍ତି ନିମନ୍ତେ ବିଶ୍ୱାସକାରୀମାନଙ୍କୁ ଆହ୍ୱାନ ।**
**ପବିତ୍ର ଶୁକ୍ରବାର ଦିନ ଏଭଳି ଏକ ମୁହୂର୍ତ୍ତ ଆସିଥାଏ, ସେତେବେଳେ ଯେଉଁ ଦୁଆ କଲେ ମଧ୍ୟ ତାହା ସ୍ୱୀକୃତ ହୋଇଥାଏ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ରମ୍‌ଜାନ୍ ମାସ ଅତିବାହିତ ହୋଇଗଲା । ତେବେ ଏଭଳି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ରମ୍‌ଜାନ୍ ମାସରେ ଉପାସନା ସମ୍ପାଦନ କରି ନିଜ ମଧ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି କରିବା ପାଇଁ ନାନା ପ୍ରକାରର ଯୋଜନା ପ୍ରସ୍ତୁତ କରିଥିବେ । କିନ୍ତୁ ଅନେକ ଲୋକମାନେ ମୋତେ ପତ୍ର ଲେଖି ଜଣାନ୍ତି ଯେ, ହୁଜୁର ଆମେମାନେ ଯେପରି ଯୋଜନା ପ୍ରସ୍ତୁତ କରିଥିଲୁ ତଦନୁଯାୟୀ କାର୍ଯ୍ୟକାରୀ କରିପାରିଲୁ ନାହିଁ ।

ହୁଜୁର ଅନୱର୍ ଅ.ବ କହିଲେ, ଶୁକ୍ରବାର ଦିନ ହେଉଛି ଏଭଳି ଏକ କଲ୍ୟାଣମୟ ଦିନ ଯେଉଁ ଦିନରେ ଏଭଳି ଏକ ମୁହୂର୍ତ୍ତ ଆସିଥାଏ ଯେ, ଯହିଁରେ ଭକ୍ତର ପ୍ରାର୍ଥନା ସ୍ୱୀକୃତ ହୋଇଥାଏ । ସୁତରାଂ ଆମେମାନେ ରମ୍‌ଜାନ୍ ମାସ ଯେପରି ଅତିବାହିତ ହେବାର ଅଭିଳାଷା କରିଥିଲୁ ଯଦି ତାହା ସେପରି ଅତିବାହିତ ହୋଇ ନାହିଁ ଅବା ଯେପରି ଜଣେ ବିଶ୍ୱାସକାରୀକୁ ଅତିବାହିତ କରିବାର ଆବଶ୍ୟକତା ଥିଲା ସେ ସେପରି ଅତିବାହିତ କରି ନାହିଁ ତେବେ ସେ ପରିପ୍ରେକ୍ଷୀରେ ଆମମାନଙ୍କୁ ଏହି ଶପଥ ନେବା ଉଚିତ ଓ ପ୍ରାର୍ଥନା କରିବା ଉଚିତ ଯେ, ହେ ଅଲ୍ଲାଃତାଲା ! ତୁମ୍ଭେ ଅଶେଷ ଦୟାବାନ ଅଟ । ଆମ ଦୋଷତ୍ରୁଟି କ୍ଷମା କରିଦିଅ, ଆମ ଉପରେ ଦୟାବତୀର୍ଣ୍ଣ କର, ଆମକୁ ଶକ୍ତି ପ୍ରଦାନ କର କି ଆମେ ତୁମ ଆଦେଶାବଳୀ ମୁତାବକ ନିଜର ଜୀବନ ଅତିବାହିତ କରିପାରିବୁ । ସେ ଆମମାନଙ୍କର ଦୁଆକୁ ସ୍ୱୀକାର କରିବା ନିମନ୍ତେ ଏହା କହିଲେ ନାହିଁ ଯେ, ରମଜାନ ମାସରେ ଶୁକ୍ରବାର ଦିନ ଏଭଳି ଏକ ବେଳ ଆସିଥାଏ ଯହିଁରେ କେବଳ ଦୁଆ ସ୍ୱୀକୃତ ହୋଇଥାଏ, ସେହି ଦିନ ଦୁଆ କର ଆଉ ଅନ୍ୟ ଦିନରେ ଦୁଆ କର ନାହିଁ ତାହା ନୁହେଁ, ବରଂ ଶୁକ୍ରବାର ଦିନର ସାଧାରଣ ବିଶେଷତା ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ।

ଅତଏବ ଆଜି ଆମେମାନେ ଯଦି ନିଜର ଦୁଆରେ ଏହି ଶପଥ କରୁ କି ଆମେମାନେ ଉକ୍ତ ରମ୍‌ଜାନ୍ ମାସ ପରେ ମଧ ନିଜର ଧର୍ମପରାୟଣତାର ସ୍ତରକୁ ବୃଦ୍ଧି କରିବା ତେବେ ସେଥି ନିମନ୍ତେ ଆମମାନଙ୍କୁ ପ୍ରୟାସ ମଧ କରିବାକୁ ପଡ଼ିବ, ଅଲ୍ଲାଃତାଲାଙ୍କର ସାମୀପ୍ୟତା ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ ମଧ କରିବାକୁ ପଡ଼ିବ । ଆସନ୍ତା ଶୁକ୍ରବାର ଦିନ ପର୍ଯ୍ୟନ୍ତ ନିଜର ଉପାସନାକୁ ଅଲ୍ଲାଃତାଲାଙ୍କ ସକାଶେ ସମର୍ପିତ କରି ସମ୍ପାଦନ କରିବାକୁ ହେବ । ପୁନଶ୍ଚ ଶୁକ୍ରବାରର ମଧ୍ୟବର୍ତ୍ତୀ ସମୟକୁ ନିଜର ଉପସାନା ଓ ପୁଣ୍ୟକର୍ମ ଦ୍ୱାରା ସଜ୍ଜିତ କରିବା ପାଇଁ ମଧ ଉଦ୍ୟମ କରିବାକୁ ହେବ । ସଂସାରକୁ ଧର୍ମ ଉପରେ ପ୍ରାଧାନ୍ୟ ଦେବାକୁ ହେବ । ଆମେମାନେ ରମ୍‌ଜାନ୍ ମାସରେ ଯେଉଁ ରଣନୀତି ପ୍ରସ୍ତୁତ କରିଥିଲୁ ଯେ, ନିଜ ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବୁ, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ରମ୍‌ଜାନ୍ ମାସ ପର୍ଯ୍ୟନ୍ତ ଆମେମାନଙ୍କୁ ପ୍ରୟାସ ଜାରି ରଖିବାକୁ ହେବ । ଯାହାକି କୌଣସି କାରଣ ବଶତଃ ଆମେ କାର୍ଯ୍ୟକାରୀ କରିପାରି ନଥିଲୁ। ଅତଃ ଏହା ହେଉଛି ସେହି କର୍ମ ଯାହାକି ପ୍ରକୃତ ଧର୍ମପରାୟଣତା ସୃଷ୍ଟି କରିଥାଏ ଏବଂ ଆମେମାନେ ଯେତେବେଳେ ନିଷ୍ପାପର ହୋଇ ନିଜର ଉପାସନା ଏବଂ ନିଜର କର୍ମକୁ ପ୍ରଭୁଙ୍କ ପ୍ରସନ୍ନତା ସକାଶେ ସମ୍ପାଦନ କରୁଥିବୁ

ତେବେ ସେ ପରିପ୍ରେକ୍ଷୀରେ ଅଲ୍ଲାଃତାଲା ଯେକି ଅଶେଷ ଦୟାବାନ ଏବଂ ସଦା କୁରଣାମୟ ଅଟନ୍ତି, ସେ ଆମକୁ ସେହି କଲ୍ୟାଣ ପ୍ରଦାନ କରିବେ ଯାହାକୁ ପ୍ରାପ୍ତ କରିବା ସକଶେ ଆମେ ପବିତ୍ର ରମ୍‌ଜାନ୍ ମାସରେ ସତ୍‌କର୍ମ କରିବା ଦିଗରେ ଆଂଶିକ ରୂପେ ପାଦ ଆଗକୁ ବଢ଼ାଇଛେ ।

ସୁତରାଂ ମୂଳ ଲକ୍ଷ୍ୟ ହେଲା ଧର୍ମପରାୟଣତା । ବିଧିବଦ୍ଧ ଭାବରେ ପୂର୍ଣ୍ଣ ମନଯୋଗ ଦ୍ୱାରା ହିଁ ପ୍ରଭୁଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବାକୁ ସକ୍ଷମ ହୋଇପାରିବୁ । ସେହିପରି ପ୍ରକୃତ ବସ୍ତୁ ହେଉଛି ପ୍ରଭୁଙ୍କ ଭୟ ଓ ତାହାଙ୍କ ପ୍ରସନ୍ନତା ଏବଂ ସାନ୍ନିଧ୍ୟ ପ୍ରାପ୍ତି । ଯଦି ଏହି ଅବସ୍ଥା ଆମ ମଧ୍ୟରେ ଦେଖିବାକୁ ମିଳେ ତେବେ ସେପରିପ୍ରେକ୍ଷୀରେ ଆମେମାନେ ପୁନଃ ସାଂସାରିକ ଜୀବନରେ ପ୍ରବେଶ କରିପାରିବୁ ନାହିଁ, ଯେଉଁଠି ଧର୍ମକୁ ସାଂସାରିକତା ଉପରେ ଅଗ୍ରାଧିକାର ଦେଇ ଧର୍ମକୁ ପାସୋରି ବସିବୁ । ଆମେମାନେ ଏହି ରମ୍‌ଜାନ୍ ମାସରେ ଯାହାକିଛି ଓ ଯେଉଁ ପ୍ରକାରର ଉପାସନା ତଥା ନିଜର ଆତ୍ମସଂଶୋଧନ ନିମନ୍ତେ ଉଦ୍ୟମ କରିଛେ, ଅଲ୍ଲାଃତାଲା ତାହାକୁ ସ୍ୱୀକାର କରି ଆମମାନଙ୍କୁ ପୁରସ୍କୃତ କରି ଚାଲନ୍ତୁ । ଅତଏବ ଏହି ମୂଳ ଉଦ୍ଦେଶ୍ୟକୁ ଆମମାନଙ୍କୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ । ଉକ୍ତ ଅଭିପ୍ରାୟର ପ୍ରାପ୍ତି ନିମନ୍ତେ ପ୍ରତ୍ୟେକ ଅହେମଦିକୁ ସର୍ବଦା ପାଇଁ ନିଜ ସମ୍ମୁଖରେ ଆଦର୍ଶ ରୂପେ ରଖିବା ଉଚିତ । ଯେତେବେଳେ ଆମେମାନେ ନିଜ ଜୀବନକୁ ଧର୍ମପରାୟଣତା ମାର୍ଗ ଉପରେ ପରିଚାଳିତ ହେବା ନିମନ୍ତେ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ପାଇଁ ଅତିବାହିତ କରୁଥିବୁ ସେତେବେଳେ ଆମେମାନେ ସ୍ୱୟଂ ନିଜର ସନ୍ତାନମାନଙ୍କୁ ଓ ନିଜର ଆଗାମୀ ବଂଶଧରମାନଙ୍କ ସମ୍ମୁଖରେ ଯେଉଁ ଉଦାହରଣ ଉପସ୍ଥାପିତ କରୁଅଛେ ଯଦ୍ୱାରା ପୁଣ୍ୟାବଳୀର ଏକ ନବ ଜାଗରଣ ଗୋଟିଏ ପିଢ଼ୀରୁ ଅନ୍ୟ ଏକ ପିଢ଼ୀ ମଧ୍ୟରେ ସଂପ୍ରସାରିତ ହୋଇଥାଏ ।

ଧର୍ମପରାୟଣତା ହିଁ ସେହି ଅଭିପ୍ରାୟ ଯାହା ଉପରେ ହ. ମସିହ୍ ମଉଦ୍ ଅ.ସ ଗୁରୁତ୍ୱ ଦେଇଛନ୍ତି । ହ. ମସିହ୍ ମଉଦ୍ ଅ.ସ ଏଇଥି ପାଇଁ ପ୍ରେରିତ ହୋଇଛନ୍ତି ଯେ, ଆମମାନଙ୍କର ଧର୍ମପରାୟଣତାର ସ୍ତରରେ ଅଭିବୃଦ୍ଧି ଘଟୁ । ଏକ ଅବସରରେ ଆପଣ ଅ.ସ କହିଲେ, "**ମୁଁ ଏଇଥିପାଇଁ ପ୍ରେରିତ ହୋଇଅଛି ଯେ, ସତ୍ୟ ଓ ବିଶ୍ୱାସର ଯୁଗ ପୁନଃ ଫେରିଆସୁ ଏବଂ ହୃଦୟରେ ଧର୍ମପରାୟଣତା ସୃଷ୍ଟି ହେଉ । ଅତଏବ ଏହି କାର୍ଯ୍ୟ ହିଁ ମୋ ଅସ୍ତିତ୍ୱର ମୁଖ୍ୟ ଅଭିପ୍ରାୟ ଅଟେ ।**" ଅତଏବ ଆଜି ଆପଣଙ୍କ ଅ.ସଙ୍କ ଯୁଗ ଯାହାକି ଅବତାରତ୍ୱ ମାର୍ଗ ଆନୁଯାୟୀ ଖିଲାଫତ୍‌ର ବ୍ୟବସ୍ଥା ଅନୁଯାୟୀ ସ୍ଥାପିତ ହୋଇଅଛି ଏବଂ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି ଖିଲାଫତ୍ ବ୍ୟବସ୍ଥା ଅବ୍ୟାହତ ରହିବ । ଏହି ବ୍ୟବସ୍ଥାରେ ହ. ମସିହ୍ ମଉଦ୍ ଅ.ସଙ୍କର ଅନୁଗାମୀମାନେ ସାମିଲ୍ ଅଛନ୍ତି ଯେଉଁମାନେ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ନିଜର ଉପାସନାର ସ୍ତରକୁ ଅଭିବୃଦ୍ଧି କରିଥାଆନ୍ତି ଏବଂ ଏହି ଲକ୍ଷ୍ୟ କେବଳ ଗୋଟିଏ ମାସର ଉପାସନା ଅବା ପୁଣ୍ୟାବଳୀର ଉଦ୍ୟମ ଦ୍ୱାରା ପ୍ରାପ୍ତ ହୋଇପାରିବ ନାହିଁ । ଅତଏବ ଆମେମାନେ ଯଦି ନିଜର ଉପାସନାରେ ନିରନ୍ତରତା ଅବଲମ୍ବନ କରି ସେହି ସତ୍ୟ, ବିଶ୍ୱାସ ତଥା ଧର୍ମପରାୟଣତା ମାର୍ଗ ଉପରେ ପ୍ରତିଷ୍ଠିତ ତଥା ପରିଚାଳିତ ହୋଇଯାଉ ତେବେ ଏହି ଲୋକମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ କହିଥିଲେ ଯେ, "**ମୁଁ ତୁମ୍ଭ ସହିତ ଓ ପ୍ରିୟ ଅନୁଗାମୀମାନଙ୍କ ସହିତ ରହିଛି ।**" ଅତଏବ ଆମେମାନେ ଯଦି ଏହିଭଳି ଭାବରେ ନିଜର ଜୀବନକୁ ଅତିବାହିତ କରୁଥିବା ତେବେ ଆମେମାନେ ନିଜର ସୁକର୍ମ ଦ୍ୱାରା ସଂସାରକୁ ଏହି ବାର୍ତ୍ତା ଦେଉଥିବୁ ଯେ, ତୁମେମାନେ ଯଦି ଅଲ୍ଲାଃତାଲାଙ୍କ ସହିତ ଜୀବନ୍ତ ସଂପର୍କ ସ୍ଥାପନ କରିବାକୁ ଚାହୁଁଛି ତେବେ ଆସ ! ଏବଂ ଆଁହଜରତ ସ.ଅଙ୍କ ସେହି ସତ୍ୟବାଦୀ ଦାସଙ୍କୁ ଗ୍ରହଣ କର ।

ପ୍ରକୃତ ଧର୍ମପରାୟଣତା କ'ଣ ଓ ଏହା ଉପରେ ପରିଚାଳିତ ହେଉଥିବା ବ୍ୟକ୍ତି କେଉଁଭଳି ହୋଇଥାଏ ଏବଂ ଅଲ୍ଲାଃତାଲା ତାହା ସହିତ କିପରି ଆଚରଣ ପ୍ରଦର୍ଶନ କରିଥାଆନ୍ତି ? ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "**ପ୍ରକୃତ ଧର୍ମପରାୟଣତା ସହିତ ମୂର୍ଖତା ଏକତ୍ରିତ ହୋଇପାରିବ ନାହିଁ । ପ୍ରକୃତ ଧର୍ମପରାୟଣତା ନିଜ ସହିତ ଏକ ଆଲୋକ ରଖିଥାଏ । ଯେପରିକି ଅଲ୍ଲାଃତାଲା କୁହନ୍ତି, ହେ ବିଶ୍ୱାସକାରୀମାନେ ! ତୁମେମାନେ ଧର୍ମପରାୟଣତା ଉପରେ ଯଦି ଅବିଚଳ ରୁହ ଓ ଅଲ୍ଲାଃତାଲାଙ୍କ ସକାଶେ ଧର୍ମପରାୟଣତାର ଗୁଣାବଳୀ ତଥା ଦୃଢ଼ତା ଅବଲମ୍ବନ କର ତେବେ ପ୍ରଭୁ ତୁମ୍ଭମାନଙ୍କ ମଧ୍ୟରେ ଓ ଅନ୍ୟମାନଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିଦେବେ । ସେହି ପାର୍ଥକ୍ୟଟି ଏହିପରି ଯେ, ତୁମ୍ଭକୁ ଏକ ଆଲୋକ ପ୍ରଦାନ କରାଯିବ, ସେହି ଆଲୋକ ତୁମ୍ଭର ଆଚରଣ ଓ ଉଚ୍ଚାରଣ ତଥା ଶକ୍ତି ଏବଂ ଚେତନା ଅବସ୍ଥାରେ ଉଦ୍ଭୂତ ହୋଇଯିବ, ତୁମ ବୁଦ୍ଧିରେ ମଧ୍ୟ ଅଲୋକ ଥିବ ଓ ତୁମର ଆକଳନମୂଳକ ପ୍ରସଙ୍ଗରେ ମଧ୍ୟ ଆଲୋକ ରହିଥିବ, ତୁମର ଚକ୍ଷୁରେ ମଧ୍ୟ ଆଲୋକ ଥିବ, ତୁମର କର୍ଣ୍ଣରେ ତଥା ତୁମର ତୁଣ୍ଡରେ ମଧ୍ୟ ଆଲୋକ ଥିବ ଅର୍ଥାତ ଉଭାସିତ**

**ହେଉଥିବ, ତୁମର ବର୍ଣ୍ଣନା ଶୈଳୀରେ, ତୁମର ଚଳ ପ୍ରଚଳତାର ତଥା ସ୍ଥିରତାରେ ମଧ୍ୟ ଅଲୋକ ଉଦ୍ଭାସିତ ହେଉଥିବ । ଅତଏବ ଏହା ହେଉଛି ସେହି ସ୍ତର ଯେଉଁ ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଆମେମାନେ ଉଦ୍ୟମ କରିଥାଉ । ଆମମାନଙ୍କ ମଧ୍ୟରୁ ସେହି ବ୍ୟକ୍ତିମାନେ ସୌଭାଗ୍ୟଶାଳୀ ଯେଉଁମାନେ ଉକ୍ତ ମର୍ଯ୍ୟାଦା ଓ ସ୍ତରକୁ ପ୍ରାପ୍ତ କରିବେ ।"**

ଆମମାନଙ୍କୁ ସ୍ମରଣ ରଖିବା ଉଚିତ ଯେ, ଏହି ଯୁଗ ହେଉଛି ବିଶେଷ କରି ସୈତାନୀ ପ୍ରବଞ୍ଚନାର ଯୁଗ ଏବଂ ସେ ନିଜର ସମସ୍ତ ଆଳ ଓ ମାୟାଜାଲ ମାଧ୍ୟମରେ ଆକ୍ରମଣ କରୁଅଛି । ଏଭଳି ପରିସ୍ଥିତିରେ ଆମମାନଙ୍କୁ ପ୍ରଭୁଙ୍କ ଆଡ଼କୁ ପୂର୍ବାପେକ୍ଷା ଅଧିକ ଆନତ ହେବାର ଆବଶ୍ୟକତା ରହିଛି । ଟି.ଭି ହେଉ, ସାମାଜିକ ଗଣମାଧ୍ୟମ ହେଉ ଅବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେଉ, ପିଲାମାନଙ୍କର ବିଦ୍ୟାଳୟ ହେଉ ଅବା ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ପ୍ରତ୍ୟେକ ସ୍ଥାନରେ ସୈତାନ୍ ନିଜର ମିଥ୍ୟା ପ୍ରବଞ୍ଚକତା ମାଧ୍ୟମରେ ଏଭଳି ଇନ୍ଦ୍ରଜାଲ ବୁଣି ଦେଇଛି ଯେ, ଯଦି ଅଲ୍ଲାଃତାଲା ଆମମାନଙ୍କ ଉପରେ ନିଜର କୃପାବତୀର୍ଣ୍ଣ ନକରନ୍ତି ତେବେ ତହିଁରୁ ଉଦ୍ଧାର ପାଇବା ଅସମ୍ଭବ ଅଟେ । ବର୍ତ୍ତମାନ ଆମମାନଙ୍କର ସର୍ବାଦୌ କର୍ତ୍ତବ୍ୟ ଏହିକି ଯେ, ଆମେମାନେ କିପରି ନିଜର ସନ୍ତାନମାନଙ୍କୁ ସୈତାନ୍‌ର ଆକ୍ରମଣରୁ ରକ୍ଷା କରିପାରିବୁ ! ଅତଃ ଏଥିନିମନ୍ତେ ଅଭିଭାବକ ଓ ଜମାଅତ୍‌ର ବ୍ୟବସ୍ଥାକୁ ମଧ୍ୟ ଉଦ୍ୟମ କରିବାକୁ ପଡ଼ିବ । ଉକ୍ତ ଅଭିପ୍ରାୟକୁ ହାସଲ କରିବାକୁ ହେଲେ ଆମମାନଙ୍କର ପ୍ରତ୍ୟେକ ଆବାଳ ବୃଦ୍ଧ ବନୀତା ଓ ବୁଦ୍ଧି ବିବେକ ସମ୍ପନ୍ନ ଅହେମଦିମାନଙ୍କୁ ଧର୍ମପରାୟଣତାର ଶୀର୍ଷ ସ୍ତରକୁ ପ୍ରାପ୍ତ କରିବାକୁ ହେବ । ତେବେ ଯାଇ ଆମେମାନେ ନିଜର ବଂଶଧରମାନଙ୍କୁ ସୈତାନ୍‌ର ସେହି ଆକ୍ରମଣରୁ ରକ୍ଷା କରିପାରିବୁ । ରମ୍‌ଜାନ୍ ମାସ ପରେ ଆମମାନେ ଶାନ୍ତିରେ ବସିଯିବୁ ନାହିଁ । ବରଂ ନିଜର କୁରଆନୀୟ ଜ୍ଞାନ ଓ ଧାର୍ମିକ ଶିକ୍ଷାକୁ ଅଭିବୃଦ୍ଧି କରିବା ନିମନ୍ତେ ପ୍ରୟାସ କରିବା ଉଚିତ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଏକଥା ସତ୍ୟ ଯେ, ପ୍ରଭୁ ମୋ ଅନୁଗାମୀମାନଙ୍କୁ ପ୍ରଳୟଦିବସ ପର୍ଯ୍ୟନ୍ତ ମୋର ଅବଜ୍ଞାକାରୀମାନଙ୍କ, ବିରୋଧୀମାନଙ୍କ ଉପରେ ବିଜୟ ପ୍ରଦାନ କରିବେ । କିନ୍ତୁ ବିଚାରଯୋଗ୍ୟ କଥା ଏହିକି ଯେ, ମୋର ଅନୁଗାମୀ କହିଲେ, ପ୍ରତ୍ୟେକ ସେହି ବ୍ୟକ୍ତି ଯେ କେବଳ ମୋର ହସ୍ତରେ ବୈଅତ୍ କରିଦେଲେ ମୋ ସଂପ୍ରଦାୟଭୁକ୍ତ ହୋଇଯିବେ ତାହା ନୁହେଁ । ବରଂ ଯେପର୍ଯ୍ୟନ୍ତ ସେ (ଅନୁଗାମୀ) ନିଜ ଭିତରେ ଅନୁକରଣତ୍ୱର ପୂର୍ଣ୍ଣତା ସୃଷ୍ଟି କରି ନାହିଁ ସେ ପର୍ଯ୍ୟନ୍ତ ସେ ମୋ ସଂପ୍ରାଦୟଭୁକ୍ତ ହୋଇପାରିବ ନାହିଁ । ଆପଣ ଅ.ସ କହିଲେ, "**ସ୍ପଷ୍ଟ ହେଉ କି ଯେପର୍ଯ୍ୟନ୍ତ ହୃଦୟ ଦୃଢ ସଂକଳ୍ପ ଓ ପ୍ରାର୍ଥନା ମାଧ୍ୟମରେ ପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରି ନାହିଁ ସେପର୍ଯ୍ୟନ୍ତ କେବଳ ତୁଣ୍ଡରୁ ବୈଅତ୍‌ର ସ୍ୱୀକାରୋକ୍ତି ପ୍ରକାଶ କରି ଦେବାର କୌଣସି ମୂଲ୍ୟ ନାହିଁ । ଅତଏବ ଯେଉଁ ବ୍ୟକ୍ତି ମୋ ଶିକ୍ଷା ଉପରେ ପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରି ନାହିଁ ସେ ମୋର ଏହି ଘରେ ଅର୍ଥାତ ମୋର ଧର୍ମନିଷ୍ଠତାମୂଳକ ବୈଅତ୍‌ର ପ୍ରକୃତ ଅଧିକାରୀ ହୋଇପାରିବ ନାହିଁ । ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କ ବାଣୀରେ ଏହି ପ୍ରତିଶୃତିର ଉଲ୍ଲେଖ ରହିଛି ଯେ, اِنِّي اُحَافِظُ كُلَّ مَنْ فِي الدَّارِ ଅର୍ଥାତ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ତୁମ୍ଭର ଚାରି କାନ୍ଥ ମଧ୍ୟରେ (ଆବଦ୍ଧିତ) ଅଛନ୍ତି ମୁଁ ସେମାନଙ୍କୁ ରକ୍ଷା କରିବି ।**"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ତୁମେମାନେ ଜାଣ ଯେ, لَا حَوْلَ ପାଠ କରିବା ଦ୍ୱାରା ସୈତାନ୍ ପଳାୟନ କରିଥାଏ। କିନ୍ତୁ ସୈତାନ୍ ଏତେ ସରଳ ନୁହେଁ କେବଳ ବାଚିକ ଉଚ୍ଚାରଣ ଅର୍ଥାତ ତୁଣ୍ଡରୁ କେବଳ لَا حَوْلَ କହିଦେଲେ ସୈତାନ ପଳାୟନ କରିଥାଏ, ତାହା ନୁହେଁ । ବରଂ ପ୍ରକୃତ କଥା ଏହିକିଯେ, ଯେଉଁ ବ୍ୟକ୍ତିର ଶିରାପ୍ରଶିରା ଏବଂ ସୂକ୍ଷ୍ମ କଣିକାରେ لَا حَوْلَ ପ୍ରବିଷ୍ଟ ହୋଇଯାଏ ଏବଂ ଯେଉଁ ବ୍ୟକ୍ତିମାନେ ପ୍ରତ୍ୟେକ ମୁହୂର୍ତ୍ତ ପ୍ରଭୁଙ୍କ ଠାରୁ ଏକାନ୍ତ ସାହାଯ୍ୟ ଭିକ୍ଷା ଓ ସହଯୋଗ କାମନା କରିଥାନ୍ତି ଓ ତାହାଙ୍କ ଠାରୁ କୃପାଲାଭ କରିଥାଆନ୍ତି ତେବେ ସେହି ବ୍ୟକ୍ତିମାନେ ହିଁ ସୈତାନରୁ ରକ୍ଷା ପାଇଥାଆନ୍ତି ।

ଏକ ସ୍ଥଳେ ଆପଣ ଅ.ସ କୁହନ୍ତି, "**ପ୍ରାର୍ଥନାରେ ଏକ ବିଶେଷ ପ୍ରକାରର ଚୁମ୍ବକୀୟ ଶକ୍ତି ଓ ପ୍ରଭାବ ରହିଥାଏ । ଚୁମ୍ବକ ଯେପରି ଲୌହ ପଦାର୍ଥକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଠିକ୍ ସେହିପରି ଭକ୍ତର ଆକୁଳ ନିବେଦନ ଓ କାକୁତି ମିନତୀ ପ୍ରଭୁଙ୍କର କୃପା ଓ ଦୟାକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ଐଶୀଗ୍ରନ୍ଥକୁ ପ୍ରାଧାନ୍ୟ ଦେଇ ନାହିଁ ଏବଂ ତଦନୁଯାୟୀ କାର୍ଯ୍ୟାନୁସରଣ କରି ନାହିଁ ସେପର୍ଯ୍ୟନ୍ତ ତା'ର ନମାଜ କେବଳ ସମୟର ଅପଚୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।**" ହୁଜୁର ଅନୱର ଅ.ବ କହିଲେ, ଏକ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ନମାଜ୍ ହେଉଛି ସମସ୍ତ ଉପାସନାର ସାର । ଅତଏବ ଆମେମାନେ ଯେତେବେଳେ ଉକ୍ତ ମର୍ମକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବା

ସେତେବେଳେ ଆମେ ନମାଜ୍‌ର, ଉପାସନାର ମଧ୍ୟ କର୍ତ୍ତବ୍ୟ ସମ୍ପାଦାନକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ ଓ ଅଲ୍ଲାଃତାଲାଙ୍କର ସାମୀପ୍ୟତା ତଥା ସାନ୍ନିଧ୍ୟ ଲାଭକାରୀ ବ୍ୟକ୍ତିରେ ପରିଣତ ହେବୁ । ପ୍ରକାଶ୍ୟଗତ ନମାଜ ପାଠ କରିବା ଦ୍ୱାରା କୌଣସ ସୁଫଳ ମିଳି ନଥାଏ । ଏଭଳି ଅନେକ ନମାଜ ପାଠକାରୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ମସ୍‌ଜିଦ୍‌ରେ ଯାଇ ନମାଜ ପଢନ୍ତି ଏବଂ ପୁନଶ୍ଚ ଅପରମୁହୂର୍ତ୍ତରେ ଘରକୁ ଫେରି ସେମାନେ ଅନ୍ୟାୟ ଓ ଅତ୍ୟାଚାରର ଚରମ ସୀମା ଲଂଘନ କରି ଅନୈତିକ କାର୍ଯ୍ୟରେ ଲିପ୍ତ ରୁହନ୍ତି ।

ଆମମାନଙ୍କର ନମାଜ କେଉଁ ପ୍ରକାରର ହେବା ଉଚିତ ? ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମନେରଖ ! ନମାଜ ହେଉଛି ସେହି ପ୍ରସଙ୍ଗ ଯହିଁରୁ ସମସ୍ତ ସମସ୍ୟାର ସମାଧାନ ଅତି ସହଜରେ ହୋଇଯାଇଥାଏ ଏବଂ ସମସ୍ତ ବିପଦ ଆପଦ ଦୂରୀଭୂତ ମଧ୍ୟ ହୋଇଥାଏ । କିନ୍ତୁ ନମାଜ କହିଲେ ସେହି ନମାଜ ବୁଝାଏ ନାହିଁ ଯାହାକୁ ସାଧାରଣ ଲୋକମାନେ କେବଳ ପାରମ୍ପାରିକ ରୂପେ ପାଠ କରିଥାଆନ୍ତି । ବରଂ ନମାଜରୁ ଯଥାର୍ଥ ଏହିକି ଯେ, ମନୁଷ୍ୟର ହୃଦୟ ଦ୍ରବୀଭୂତ ହୋଇ ଏକେଶ୍ୱରବାଦଙ୍କ ଆସ୍ଥାନରେ ପଡ଼ି ଯାଇ ନିଜକୁ ତାହାଙ୍କ ପ୍ରେମରେ ହଜାଇ ଦେଇଥାଏ ।

ଅଲ୍ଲାଃତାଲା ଆମମାନଙ୍କୁ ନମାଜ୍‌ର ସଠିକ୍ ରୂପେ ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମେମାନେ ନିଜର ବଂଶଧରମାନଙ୍କୁ ମଧ୍ୟ ଏପରି ଉପାସନାର ଅଭ୍ୟାସକାରୀ ବ୍ୟକ୍ତିରେ ପରିଣତ କରାଇବାକୁ ସକ୍ଷମ ହେଉ ଯାହା ସେମାନଙ୍କର ଆଗାମୀ ବଂଶଧରମାନଙ୍କର ସ୍ଥାୟୀତ୍ୱତାର ଜାମିନ ହୋଇଯିବ । ସାଂପ୍ରତିକ ଯୁଗରେ ଦଜ୍ଜାଲ୍‌ର ବିନାଶ ଅବଶ୍ୟାମ୍ଭୀ । କାରଣ ଅଲ୍ଲାଃତାଲାଙ୍କର ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଏହି ପ୍ରତିଶୃତି ରହିଛି । ଏହା ଆମମାନଙ୍କର ସୌଭାଗ୍ୟ ହେବ ଯେ, ଆମେମାନେ ଯଦି ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବୁ ଯେଁଉମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ନିଜକୁ ଅନ୍ତର୍ଭୁକ୍ତ ହେବାର ପ୍ରକୃତ କର୍ତ୍ତବ୍ୟ ସମ୍ପଦାନକାରୀ ବ୍ୟକ୍ତି ଅଟନ୍ତି । ଉକ୍ତ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ହ. ମସିହ୍ ମଉଦ୍ ଅ.ସ ଏକ ପଥ୍ୟ ବିଷୟରେ କହିଛନ୍ତି ଏବଂ ସେହି ପଥ୍ୟ ହେଉଛି ବିଳାପ ଏବଂ ବିନୀତତା କରିବା । ଏ ପ୍ରସଙ୍ଗରେ ମଧ୍ୟ ଆପଣ ଅ.ସ ବର୍ଣ୍ଣନା କରିଛନ୍ତି । ଉକ୍ତ ମର୍ଯ୍ୟାଦା ପ୍ରାପ୍ତ କରିବା ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ତୁମ ପକ୍ଷେ ଏହା ଉଚିତ ହେବ ଯେ, ତୁମେ ଦିବାରାତ୍ର ଏଭଳି କୌଣସି ମୁହୂର୍ତ୍ତରେ ତୁମେମାନେ ଦୁଆ କରିବାକୁ ହାତଛଡ଼ା କର ନାହିଁ । ଅଲ୍ଲଃତାଲା ଏଥିନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପାକିସ୍ତାନର ଅହେମଦିମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ, ଅଲ୍ଲାଃତାଲା ସେମାନଙ୍କୁ ଉପଦ୍ରବକାରୀ ଓ ବିରୋଧୀମାନଙ୍କ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ପାକିସ୍ତାନରେ ବାସ କରୁଥିବା ଅହେମଦିମାନେ ମଧ୍ୟ ନିଜ ପାଇଁ ପ୍ରାର୍ଥନା କରନ୍ତୁ । ତିନି ଚାରି ଦିନ ଅବା ସପ୍ତାହେ ଦୁଆ କରିଦେଲେ ଚଳିବ ନାହିଁ । ବରଂ ସର୍ବଦା ଦୁଆ କରୁଥାଆନ୍ତୁ, ନିଜ ଜୀବନକୁ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ପରିଚାଳିତ ହେବା ଓ କାର୍ଯ୍ୟକାରୀ କରିବାର ଶପଥ ନିଅନ୍ତୁ । ବୁର୍କିନାଫାସୋ, ବାଂଲାଦେଶ, ଉପଦ୍ୱୀପ ଓ ସଂସାରର ପ୍ରତ୍ୟେକ ଦେଶର ଅହେମଦିମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ଶତ୍ରୁର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବା ନିମନ୍ତେ, ଦୁଆ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ପୁନଶ୍ଚ ସେହି ଦୁଆଗୁଡ଼ିକୁ ସ୍ୱୀକାର ମଧ୍ୟ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ଯହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ଯୁଜ୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a

21st Apr. 2023